No. of Printed Pages : 3

**FOR**

03405

# Foundation Course : ORIYA

## Term-End Examination

## December, 2010

## Course Code : FOR

*Time : 2 hours* *Maximum Marks : 50*

---

*Note : Answer all the questions.*

---

1. ଯେ କୌଣସି ୩ ଟି ପ୍ରଶ୍ନର ଉତ୍ତର ଦିଅ । 3x5=15

   (a) ରଢି ଓ ପ୍ରବଚନର ପ୍ରୟୋଗ କୌଣସି ଭାଷାକୁ କିପରି ସମୃଦ୍ଧ କରିଥାଏ ?

   (b) କେଉଁ ପରିସ୍ଥିତିରେ ସମଗ୍ର ଦେଶରେ ଅସହଯୋଗ ଆନ୍ଦୋଳନ ଜନ୍ମ ନେଇଥିଲା ?

   (c) ଶ୍ରୀଜଗନ୍ନାଥ ଦର୍ଶନ କହିଲେ କ'ଣ ବୁଝାଏ ? ଆଲୋଚନା କର ।

   (d) ନିମ୍ନ ଉକ୍ତିଟିର ସପ୍ରସଂଗ ବ୍ୟାଖ୍ୟା କର । "ଆନ ବୋଲେ, ମୁହିଁ ଅଟଇ ପୁଲିସ ବିନା ମେଘେ ସୃଜି ପାରଇ କୁଳିଶ"

   (e) ହୀରାକୁଦ ବନ୍ଧ ଯୋଜନାଦ୍ୱାରା ଓଡ଼ିଶାର କେଉଁ ଉପକାର ସାଧିତ ହୋଇପାରିଛି ? ଉଲ୍ଲେଖ କର ।

2. ଯେ କୌଣସି ୫ ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଦିଅ । 5x2=10

   (a) ପ୍ରବଚନର ସୃଷ୍ଟି କିପରି ହୋଇଥାଏ ?

   (b) ରାଣୀଗୁମ୍ଫାର ମହତ୍ତ୍ୱ କ'ଣ ?

(c) ନିଉୟର୍କ ସହରର ମେସିନ୍ ସଭ୍ୟତା ଉପରେ ଲେଖକ କେଉଁ ଟିପ୍‌ପଣୀ ପ୍ରଦାନ କରିଛନ୍ତି ?

(d) ପରକ୍ଷୋକ୍ତି କାହାକୁ କୁହାଯାଏ ? ଉଦାହରଣ ସହ ଉଲ୍ଲେଖ କର ।

(e) ସମ୍ବାଦକୁ ସଂକ୍ଷେପରେ ଉପସ୍ଥାପନ କରିବାପାଇଁ ଲେଖକ କ'ଣ କରିଥାନ୍ତି ?

(f) ତାସ୍ ଉପରେ ଅଙ୍କିତ ଚିତ୍ରଗୁଡ଼ିକର ବିଶେଷତ୍ୱ କ'ଣ ?

(g) ଓଡ଼ିଶାର ପ୍ରାଚୀନତମ ଭାସ୍କର୍ଯ୍ୟ କଳାର ନମୁନାଭାବରେ କାହାକୁ ନିଆଯାଇଥାଏ ?

(h) ସ୍ୱାଧୀନ ଓଡ଼ିଶା କେଉଁଠାରୁ କେଉଁ ପର୍ଯ୍ୟନ୍ତ ବିସ୍ତୃତ ଥିଲା ?

3. ଶୂନ୍ୟସ୍ଥାନ ପୂରଣ କର । 5

(a) ଦାସେଆପଣେ __________ ଗଲେ ଗୋଟିଏ ଅଲଗା ଘରେ ରହୁଥିଲେ ।

(b) ଦାସେଆପଣେଙ୍କ ଘରକୁ __________ କୁହାଯାଉଥିଲା ।

(c) ନାରାୟଣ ଦାସ __________ ଲୋକ ।

(d) ନାରାୟଣ ଦାସ ଚାଲିଗଲେ ଓ ତହିଁର ନଅ ଦଶ ମାସରେ __________ ବି ଗଲେ ।

(e) ସେମାନେ ବାରମ୍ବାର __________ ଆସି ଦିନେ ଦି ଦିନ ରହି ଯାଆନ୍ତି ।

4. ବ୍ୟାସ ବାକ୍ୟସହ ସମାସର ନାମ ଲେଖ । (୪ ଟି) 4

ସାନରାଣୀ, ଅନନ୍ତ, ସାଧବପୁଅ, ତ୍ରିବେଣୀ, ଘୃତାନ୍ନ, ଦଶାନନ ।

5. ସନ୍ଧି ବିଚ୍ଛେଦ କର । (୪ ଟି) 4

ତଥ୍ୟାବଳୀ, ତଦନୁସାରେ, ଅବସ୍ଥାନୁଯାୟୀ, କ୍ରମାଗତ, ପ୍ରତ୍ୟାଶା, ଉଲ୍ଲେଖ ।

6. ନିମ୍ନ ପ୍ରୟୋଗ ଗୁଡ଼ିକୁ ବ୍ୟବହାରକରି ବାକ୍ୟ ଗଠନ କର । 4

ଧୀରେଧୀରେ, ବିରାଡ଼ି ବୈଷ୍ଣବ, ଅକଲ ସଲାମି, ପାଗ ବାନ୍ଧିବା, ଦଣ୍ଡାୟମାନ, କ୍ରମାବନତ ।

7. ବୀପରିତାର୍ଥକ ଶବ୍ଦ ପ୍ରଦାନ କର । (୪ ଟି) 4

ନରମ, ଉଚ୍ଚ, ଦୂର, ସରଳ, ପ୍ରାଚୀନ, ସରୁ ।

8. ନିମ୍ନ ଶବ୍ଦ ଗୁଡ଼ିକରୁ ଉପସର୍ଗଗୁଡ଼ିକୁ ପୃଥକ କରି ଦର୍ଶାଅ । (୪ ଟି) 4

ସମ୍ବାଦ, ବିହୀନ, ଅନୁମାନ, ପରିପ୍ରକାଶ, ପ୍ରଚଳନ, ସମ୍ପାଦିତ ।

---